# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**9 September – 2025**

**News Editor : Tapan Kumar Moharana**

******************************************

## ମୁଖ୍ୟ ସମ୍ବାଦ

- ଉପରାଷ୍ଟ୍ରପତି ପଦ ପାଇଁ ଦିଲ୍ଲୀର ନୂତନ ସଂସଦ ଭବନରେ ଚାଲିଛି ମତଦାନ
- ଆଦିବାସୀ ବହୁଳ ଅଂଚଳରେ ଶିକ୍ଷାର ଉନ୍ନତିର ସମୀକ୍ଷା କଲେ ରାଜ୍ୟପାଳ
- ଘରୋଇ ହିଂସା ଓ ମହିଳାଙ୍କ ସୁରକ୍ଷା ସମ୍ପର୍କିତ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆଜିଠାରୁ ବର୍ଷା ଲାଗିରହିବା ନେଇ ପାଣିପାଗ କେନ୍ଦ୍ରର ସୂଚନା

# ଉପରାଷ୍ଟ୍ରପତି ନିର୍ବାଚନ

ଦିଲ୍ଲୀର ନୂତନ ସଂସଦ ଭବନରେ ଉପରାଷ୍ଟ୍ରପତି ପଦ ପାଇଁ ଭୋଟ ଗ୍ରହଣ ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପ୍ରଥମେ ନୂଆ ସଂସଦ ଭବନକୁ ଯାଇ ମତଦାନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ଅଶ୍ୱିନୀ ବୈଷ୍ଣବ, ଜିତେନ୍ଦ୍ର ସିଂହ, ପ୍ରହଲ୍ଲାଦ ଯୋଶୀ, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ, ଜେଡିଏସ୍ ସାଂସଦ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡା, ରାଜ୍ୟସଭାର ବିରୋଧୀଦଳ ନେତା ତଥା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ବରିଷ୍ଠ କଂଗ୍ରେସ ସାଂସଦ ସୋନିଆ ଗାନ୍ଧୀ, ଡିଏମ୍‌କେ ସାଂସଦ ଦୟାନିଧି ମାରାନ, ସମାଜବାଦୀ ପାର୍ଟି ସାଂସଦ ରାମଗୋପାଲ ଯାଦବ ଏବଂ ଜେଡିୟୁ ସାଂସଦ ସଞ୍ଜୟ ଝା ମତଦାନ କରିଛନ୍ତି । ଗୋପନ ବାଲାଟ ପେପରରେ ସାଂସଦମାନେ ଭୋଟ ଦେଉଛନ୍ତି।

ମତଗ୍ରହଣ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିବ। ସନ୍ଧ୍ୟା ୬ଟାରେ ଭୋଟ୍ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ । ଜାତୀୟ ଗଣତାନ୍ତ୍ରିକ ମେଣ୍ଟ-ଏନ୍‌ଡିଏ ପକ୍ଷରୁ ସି.ପି. ରାଧାକ୍ରିଷ୍ଣନ ଏବଂ ଇଣ୍ଡିମେଣ୍ଟରୁ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ପି. ସୁଦର୍ଶନ ରେଡ୍ଡୀ ଉପରାଷ୍ଟ୍ରପତି ପଦ ନିମନ୍ତେ ପ୍ରାର୍ଥୀ ହୋଇଛନ୍ତି ।

## ରାଜ୍ୟପାଳ

ଆଦିବାସୀ ବହୁଳ ଅଂଚଳରେ ଶିକ୍ଷାର ପ୍ରସାର ପାଇଁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଗୁରୁତ୍ୱ ଆରୋପ କରିଛନ୍ତି। ସୁନାବେଡାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ରାଜ୍ୟପାଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଓ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ଏହି ଅଂଚଳରେ ଶିକ୍ଷାର ବିକାଶ ପାଇଁ ଆଲୋଚନା କରିଛନ୍ତି। କୋରାପୁଟ ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ଆଜି ରାଜ୍ୟପାଳ ରାଜକୋଟ ଗ୍ରାମକୁ ଯାଇ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କ ଦ୍ୱାରା ପରିଚାଳିତ ଏକ ମିଲେଟ୍ ପ୍ରୋସେସିଂ ୟୁନିଟ୍ ବୁଲି ଦେଖିଥିଲେ। ଏହାଦ୍ୱାରା ସେମାନଙ୍କର ସାମାଜିକ ଆର୍ଥିକ ପରିବର୍ତ୍ତନରେ କିପରି ସହାୟକ ହୋଇପାରିଛି, ସେ ସମ୍ପର୍କରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ସହିତ ଆଲୋଚନା କରିଥିଲେ। ଆଜି ଉପରବେଳା ରାଜ୍ୟପାଳ ଦେଓମାଳୀ ପର୍ଯ୍ୟଟନସ୍ଥଳି ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି।

## ମହିଳା ହିଂସା-ପ୍ରଶିକ୍ଷଣ ଶିବିର

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଭୁବନେଶ୍ୱର ଲୋକସେବା ଭବନ କନ୍‌ଭେନ୍‌ସନ୍ କେନ୍ଦ୍ରଠାରେ ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଅଧିନିୟମ-୨୦୦୫ ଏବଂ ଯୌତୁକ ନିଷେଧ ଅଧିନିୟମ-୧୯୬୧ ସଂପର୍କରେ ଏକ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କାର୍ଯ୍ୟକ୍ରମରେ ଘରୋଇ ହିଂସା ଉପରେ ଗୁରୁତ୍ୱ ଦେଇ ମୋବାଇଲ ଓ ସାମାଜିକ ଗଣମାଧ୍ୟମ ଦୂରେଇ ରହିବାକୁ

ଆହ୍ୱାନ ଦେଇଛନ୍ତି। ବୈଠକରେ ମହିଳାଙ୍କ ସୁରକ୍ଷା ସମ୍ପର୍କିତ ଆଇନ୍‌ଗୁଡ଼ିକ ଉପରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା।

ଓଡ଼ିଶା ପୋଲିସ୍ ପକ୍ଷରୁ ମଧ୍ୟ ଭୁବନେଶ୍ୱରସ୍ଥିତ ପୋଲିସ୍ ଭବନଠାରେ ମହିଳାଙ୍କ ସୁରକ୍ଷା ସଂପର୍କିତ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହେଉଛି।

## ଜରୁରିକାଳୀନ ସେବା ଦିବସ

ଜରୁରିକାଳୀନ ସେବା ଦିବସ ଆଜି ପାଳନ କରାଯାଉଛି। ପ୍ରତିବର୍ଷ ସେପ୍ଟେମ୍ବର ମାସ ୯ ତାରିଖ ଦିନ ଜାତୀୟ ସ୍ୱାସ୍ଥ୍ୟସେବା ଓ ଜରୁରିକାଳୀନ ସେବାର ସାହସୀ ପୁରୁଷ ଓ ମହିଳାଙ୍କୁ ସମର୍ଥନ କରିବାରେ ଏବଂ ସ୍ୱିକୃତୀ ଦେବାରେ ଏହି ଦିବସ ସାହାଯ୍ୟ କରିଥାଏ। ୨୦୧୬ ମସିହାରେ ଟମ୍‌ସ୍ ସ୍କଲ୍ପ-ଫଗ ୯୯୯ ଜଣ ସେବା କର୍ମୀ ଓ ମହିଳାଙ୍କୁ ସମ୍ମାନୀତ କରିବା ପାଇଁ ବିଶେଷ ଦିନ ସ୍ଥିର କରିବାକୁ ଚାହିଥିଲେ। ଯୁକ୍ତରାଷ୍ଟ୍ର ଗଣରାଜ୍ୟ ଓ ଅନ୍ୟ କେତେକ ଦେଶରେ ମଧ ଏହି ଦିବସ ପାଳନ କରାଯାଇଥାଏ।

## ସୁଭଦ୍ରା

ସୁଭଦ୍ରା ଯୋଜନାରୁ ବାଦ୍ ପଡିଥିବା ହିତାଧିକାରୀମାନଙ୍କୁ  ଏହି ଯୋଜନାରେ ସାମିଲ କରିବା ପାଇଁ ଆସନ୍ତାକାଲି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ସୂଚନା ଅନୁସାରେ,  ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ପରିବହନ, ଖାଦ୍ୟ ଯୋଗାଣ ଓ ସ୍ୱାସ୍ଥ୍ୟ ବିଭାଗ ଆବଶ୍ୟକୀୟ ତଥ୍ୟ ଆଧାରରେ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ପଦକ୍ଷେପ ନିଆଯିବ। ଏହାବ୍ୟତୀତ ସୁଭଦ୍ରା ଯୋଜନାର ନିୟମାବଳୀ ଅନୁସାରେ, ଅଯୋଗ୍ୟ ହିତାଧିକାରୀମାନଙ୍କୁ

ଚିହ୍ନଟ କରିବା ସହିତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବୈଠକରେ ଆଲୋଚନା ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ବୃକ୍ଷରୋପଣ

**ନବରଙ୍ଗପୁର** ଜିଲ୍ଲା ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଅନୁଷ୍ଠିତ ସ୍ୱଚ୍ଛ ଭାରତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅଂଶଗ୍ରହଣ କରିଥିଲେ। ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ଚିକିତ୍ସାଳୟ ପରିସରରେ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା। 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ ଅଧୀନରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଚିକିତ୍ସାଳୟ ପରିସରରେ ବୃକ୍ଷରୋପଣ କରିଥିଲେ।

## ଜିଏସ୍‌ଟି

ଜିଏସ୍‌ଟି ପରିଷଦ ବୈଠକରେ ଅନେକ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ବିଭିନ୍ନ ମହଲରେ ସନ୍ତୋଷ ପ୍ରକାଶ ପାଇଛି। ଏହି ପଦକ୍ଷେପ ଦ୍ୱାରା ଦୁର୍ବଳ, ନିମ୍ନମଧ୍ୟବିତ୍ତ ଏବଂ ସବୁବର୍ଗର ଲୋକ ଉପକୃତ ହୋଇପାରିବେ। **ବରଗଡ଼** ଜିଲ୍ଲାରେ ବ୍ୟବସାୟ କ୍ଷେତ୍ରରେ ଜିଏସ୍‌ଟି ସଂସ୍କାରମୂଳକ ପଦକ୍ଷେପକୁ ସ୍ୱାଗତ କରାଯାଇଛି। ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଓ ଲୋକଙ୍କ ଆବଶ୍ୟକ ସାମଗ୍ରୀ ଉପରେ ଜିଏସ୍‌ଟି ପରିମାଣ ହ୍ରାସ କରାଯାଇଥିବାରୁ ଜନସାଧାରଣରେ ଖୁସିବ୍ୟକ୍ତ କରାଯାଇଛି।

**ବରଗଡ଼** ଜିଲ୍ଲା ଅଧିବାସୀ ଡକ୍ଟର ଗିରିଶ ଚନ୍ଦ୍ର ଦାସ ପ୍ରତିକ୍ରିୟାରେ ଆକାଶବାଣୀକୁ କହିଛନ୍ତି...

- V/O –

## ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

ଖୋର୍ଦ୍ଧା ଜିଲ୍ଲାରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଗତକାଲିଠାରୁ ଆରମ୍ଭ ହୋଇଛି । ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସରଳୀକରଣ କରାଯିବା ସହ କଲ୍ୟାଣକାରୀ ଯୋଜନାଗୁଡ଼ିକର ସୁଫଳ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ହରିପୁର ଗ୍ରାମପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମାଙ୍କ ସମେତ ଜିଲ୍ଲାସ୍ତରୀୟ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

## ସାଇବର ଠକେଇ

ରାଜ୍ୟରେ ସାଇବର ଠକେଇକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ୩୪ତମ ରାଜ୍ୟସ୍ତରୀୟ ସମନ୍ୱୟ କମିଟି ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟତାରେ ଅନୁଷ୍ଠିତ ବୈଠକରେ ସାଇବର ଠକେଇର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି । ସାଇବର ଠକେଇ ନେଇ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମର ଆୟୋଜନ ଏବଂ ଠକେଇରେ

ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

## ଶେଷକୃତ୍ୟ

**ନୂଆପଡ଼ା** ବିଧାୟକ  ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କର ଆଜି ଶେଷକୃତ୍ୟ ସମ୍ପନ୍ନ ହେବ। ବିଧାୟକଙ୍କ ପାର୍ଥିବ ଶରୀର ଖରିଆର ରୋଡ୍‌ରେ ପହଞ୍ଚିବା ପରେ ଏକ ଶୋଭାଯାତ୍ରାରେ ଖରିଆର ରୋଡରୁ ନୂଆପଡାର ଏକ୍‌ତା ଛକ  ପର୍ଯ୍ୟନ୍ତ ଏବଂ ଏହାପରେ ଜ୍ଞାନଜ୍ୟୋତି ବିଦ୍ୟାଳୟଠାରେ ଅନ୍ତିମ ଦର୍ଶନ ପାଇଁ ପାର୍ଥୀବ ଶରୀରକୁ ରଖାଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ଢ଼ୋଲକିଆଙ୍କର ଶେଷ ଦର୍ଶନ କରୁଛନ୍ତି। ନୂଆପଡ଼ା ଆସନରୁ ଚାରିଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ସ୍ୱର୍ଗତ ଢ଼ୋଲକିଆଙ୍କର ଗତକାଲି ୬୮ ବର୍ଷ ବୟସରେ ପରଲୋକ ହୋଇଥିଲା।

## ପ୍ରକଳ୍ପ ତଦାରଖ

**ବୌଦ୍ଧ** ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ହରଭଙ୍ଗା ବ୍ଲକ୍‌ର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିବା ସହିତ ତଦାରଖ କରିଛନ୍ତି। 'ଏକ ପେଡ୍ ମା' କେ ନାମ୍' ପ୍ରସ୍ତୁତିର ସମୀକ୍ଷା କରିବା ସହ ବାଣୀଭୂଷଣପୁର, ପୁରୁଣା କଟକ ଓ ରାଧାନଗରଠାରେ ଥିବା ଫାର୍ମର ପରିଦର୍ଶନ କରିଛନ୍ତି। ଜିଲ୍ଲାପାଳ ଲୁଣିବାହାଲ ଗ୍ରାମପଞ୍ଚାୟତର ଜଣେ ହିତାଧିକାରୀ ଅନ୍ତ୍ୟୋଦୟ ଘର ପରିଦର୍ଶନ କରିଥିଲେ।

## ସଚେତନତା ରଥ

**ନବରଙ୍ଗପୁର**ଠାରେ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁଙ୍କ ଉପସ୍ଥିତିରେ ଆନ୍ତଃରାଜ୍ୟସ୍ତରୀୟ ପ୍ରବାସୀ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି ରଥ ୧୦ ଦିନ ଧରି ସମସ୍ତ ବ୍ଲକ୍ ସହ ଗ୍ରାମପଂଚାୟରେ ପ୍ରବାସୀ ଶ୍ରମିକମାନଙ୍କୁ ନିରାପଦ ତଥା ଆଇନ୍ ସମ୍ମତ ଭାବେ ବାହାର ରାଜ୍ୟକୁ ଯାଇ କାର୍ଯ୍ୟ କରିବା ସମ୍ପର୍କରେ ବାର୍ତ୍ତା ଓ ସଚେତନତା ପ୍ରସାରଣ କରିବ।

# ପାଣିପାଗ

ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଆଜିଠାରୁ  ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୮ଟି ଜିଲ୍ଲାରେ ଝଡ଼ତୋଫାନ ଏବଂ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଗୁରୁବାରଠାରୁ ବର୍ଷାର ପରିମାଣ ବଢ଼ିବା ନେଇ ଅନୁମାନ କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ରାୟଗଡ଼ା ଜିଲ୍ଲାର କୋଟ୍ରାଗୁଡ଼ାଠାରେ ସର୍ବାଧିକ ୫୮ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

**********************************